# NATIONAL NEWS BULLETIN (ODIA)
## 28 August - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ପୁରିଲା ୧୧ ବର୍ଷ ।

– ଦେଶବାସୀଙ୍କୁ ଆର୍ଥିକ କ୍ଷେତ୍ରରେ ଏହି ଯୋଜନା କରିଛି ସଶକ୍ତ, କହିଲେ ପ୍ରଧାନମନ୍ତ୍ରୀ ।

- ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ କାତାର ବୈଦେଶିକ ବାଣିଜ୍ୟ ରାଷ୍ଟ୍ର ମନ୍ତ୍ରୀଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନା ।

- ଭୁବନେଶ୍ୱର ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦୁଇ ଦିନିଆ ଅନୁସୂଚୀତ ଜାତି ଏବଂ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ।

- ମୁମ୍ବାଇର ଭିରାର୍‌ଠାରେ ଏକ କୋଠା ଭୁଶୁଡ଼ି ପଡ଼ିବାରୁ ୧୭ ଜଣଙ୍କର ମୃତ୍ୟୁ ।

ଏବଂ

- ସୀମାପାର ଅପରାଧ ମୁକାବିଲା ଏବଂ ସମନ୍ୱିତ ପେଟ୍ରୋଲିଂ ବ୍ୟବସ୍ଥା ନେଇ ଭାରତ ଓ ବାଂଲାଦେଶ ସହମତ ।

## ଜନଧନ ଯୋଜନା

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଜି ୧୧ ବର୍ଷ ପୂରଣ ହୋଇଛି। ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ଭାବେ ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ଲାଲ୍‌କିଲ୍ଲାରୁ ୨୦୧୪ ମସିହା ଅଗଷ୍ଟ ୧୫ରେ ଘୋଷଣା କରିଥିଲେ । ଏ ସମ୍ପର୍କରେ ଏକ ରିପୋର୍ଟ୍

## ଜନଧନ ଯୋଜନା-୧

୨୦୧୪ ଅଗଷ୍ଟ ୨୮ ତାରିଖରେ ଜନଧନ ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ, ଗରିବ ଶ୍ରେଣୀର ଲୋକଙ୍କୁ ଅର୍ଥନୈତିକ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ କରିବା କ୍ଷେତ୍ରରେ ଏହା ଏକ ବଳିଷ୍ଠ ପଦକ୍ଷେପ । ଜନଧନ ଆକାଉଣ୍ଟ ଜରିଆରେ ଲୋକଙ୍କୁ ଋଣ ପ୍ରଦାନ ସହ ବୀମା ଏବଂ ପେନ୍‌ସନ୍ ଯୋଗାଇ ଦିଆଯାଉଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନଧନ ଯୋଜନା ଭାରତର ନାଗରିକମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିଛି ବୋଲି କହିଛନ୍ତି। ଏହି ଯୋଜନା ଭାରତୀୟ ନାଗରିକଙ୍କ ଗରିମା ବୃଦ୍ଧି କରିବା ସହ ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବା ଦିଗରେ ସହାୟକ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବାର୍ତ୍ତାରେ କହିଛନ୍ତି ପିଏମ୍-ଜନଧନ ଯୋଜନାରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଡିବିଟି ବ୍ୟବହାର କରି ବିଭିନ୍ନ ଯୋଜନା ମାଧ୍ୟମରେ ଲୋକମାନଙ୍କ ପାଖକୁ ଅର୍ଥ ଦିଆଯାଇପାରୁଛି।

ଗତ ୧୧ ବର୍ଷ ମଧ୍ୟରେ ୫୬ କୋଟିରୁ ଊର୍ଦ୍ଧ୍ୱ ଜନଧନ ଆକାଉଣ୍ଟ ଖୋଲାଯାଇଛି ଏବଂ ୨ କୋଟି ୬୮ ଲକ୍ଷ ଟଙ୍କା ଜମା କରାଯାଇଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟରଞ୍ଜନ ମହାପାତ୍ର......

## ନିର୍ମଳା-କାତାର ମିଟିଂ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀ ଠାରେ କାତାର୍‌ର ବୈଦେଶିକ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଅହମ୍ମଦ ବିନ୍ ମହମ୍ମଦ୍ ଅଲ୍

ସୟଦ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥ ମନ୍ତ୍ରଣାଳୟ କହିଛି, ଦ୍ୱିପାକ୍ଷିକ ରଣନୈତିକ ସହଭାଗିତା, ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ଅଧିକ ମଜବୁତ କରିବା ନେଇ ଉଭୟ ଦେଶ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଦେଶରେ ପୁଞ୍ଜିନିବେଶ ପାଇଁ ସରକାରଙ୍କ ପକ୍ଷରୁ ଗତ ଦଶନ୍ଧି ମଧ୍ୟରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଅର୍ଥମନ୍ତ୍ରୀ କାତାର୍‌ର ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପରେ ବିଶ୍ୱାସ ପ୍ରକଟ କରିବା ସହ କାତାର ପ୍ରତିନିଧି ମଣ୍ଡଳୀ ପୁଞ୍ଜିନିବେଶର ସୁଯୋଗ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ବୋଲି ଅର୍ଥମନ୍ତ୍ରଣାଳୟ କହିଛି ।

## କପା

କପା ଉପରୁ ଆମଦାନୀ ଶୁଳ୍କ ଛାଡ଼ ସମୟସୀମା ସରକାର ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ଗତ ୧୯ ତାରିଖରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଛାଡ଼ ନେଇ ସରକାର ଘୋଷଣା କରିଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଭାରତୀୟ ବୟନ କ୍ଷେତ୍ରରେ କପାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ଭୁବନେଶ୍ୱରଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ଅନୁସୂଚିତ ଜାତି ଏବଂ ଜନଜାତି ସଂସଦୀୟକ ମିଟିର ଜାତୀୟ ସମ୍ମିଳନୀ ଆରମ୍ଭ ହେବ । ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବାକୁ ଯାଉଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିବେ ।

ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ । 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତିକୀରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

## ଇସି–ସିପିଆଇ

ନୂଆଦିଲ୍ଲୀ ଠାରେ ଆଜି ସି.ପି.ଆଇ.ର ଏକ ପ୍ରତିନିଧି ମଣ୍ଡଳୀ ସହ ନିର୍ବାଚନ କମିଶନ୍ ଆଲୋଚନା କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର୍ ଡକ୍ଟର ଶୁଖବୀର ସିଂହ ସାନ୍ଧୁ ଓ ଡକ୍ଟର ବିବେକ ଯୋଶୀ ସି.ପି.ଆଇ.ର ସାଧାରଣ ସମ୍ପାଦକ ଡି. ରାଜାଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଛନ୍ତି । ବିଭିନ୍ନ ଜାତୀୟ ଏବଂ ରାଜ୍ୟ ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧି ମଣ୍ଡଳୀଙ୍କ ସହ ନିର୍ବାଚନ କମିଶନ୍‌ଙ୍କ ମତ ବିନିମୟର ଏହା ଏକ ଅଂଶ । କମିଶନ୍‌ଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବିଭିନ୍ନ ଗଠନମୂଳକ ପ୍ରସଙ୍ଗ ନେଇ ବୈଠକରେ ମତ ବିନିମୟ ହୋଇଛି ।

## ମହା–ବିଲ୍ଡିଂ କୋଲାପ୍ସ

ମୁମ୍ବାଇର ଭିରାର୍‌ଠାରେ ଗତ ବିଳମ୍ବିତ ରାତିରେ ଏକ ଚାରି ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିବାରୁ ୧୭ ଜଣଙ୍କର ମୃତ୍ୟୁ ହୋଇଛି । ୯ ଜଣ ଆହତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସେଠାରେ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିବା ସହ ଭଗ୍ନାବଶେଷ ତଳେ ଆହୁରି ଅଧିକ ଲୋକ ରହିଥିବାର ଆଶଙ୍କା

କରାଯାଇଛି । ଅଗ୍ନିସମ ବାହିନୀ ପକ୍ଷରୁ ଭଗ୍ନାବଶେଷରୁ ୨୪ ଜଣଙ୍କୁ ଉଦ୍ଧାର କରାଯାଇଛି । ଏନ୍.ଡି.ଆର୍.ଏଫ୍., ପୁଲିସ୍ ଏବଂ ନଗର ନିଗମ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଆଜି ଦୁର୍ଘଟଣା ସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ଶ୍ରୀ ଫଡ଼ନାବିସ୍ ଘୋଷଣା କରିଛନ୍ତି ।

## ଜେଆଣ୍ଡକେ ଏସ୍ଏମ୍ବିଡି

ଜାମ୍ମୁ କାଶ୍ମୀରରେ ଶ୍ରୀ ମାତା ବୈଷ୍ଣୋଦେବୀ ଯାତ୍ରା କ୍ରମାଗତ ତୃତୀୟ ଦିନ ପାଇଁ ଆଜି ସ୍ଥଗିତ ରହିଥିଲା । ରିଆସି ଜିଲ୍ଲାର ତ୍ରିକୂଟ ପର୍ବତମାଳା ଅନ୍ତର୍ଗତ ଅଧ୍କୁଆଁରୀଠାରେ ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ପରିସ୍ଥିତି ଯୋଗୁଁ ମାତା ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ ରହିଛି । ଏହି ଘଟଣାରେ ବହୁ ଲୋକ ପ୍ରାଣ ହରାଇବା ସହ ଆହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡ୍ ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରାଯାଉଛି ଏବଂ ଯାତ୍ରୀଙ୍କ ସହାୟତା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ଅଟକି ରହିଥିବା ତୀର୍ଥ ଯାତ୍ରୀ ତଥା ଆହତଙ୍କୁ ସ୍ଥାନୀୟ ଅଧିବାସୀ ସହାୟତା ପ୍ରଦାନ କରୁଥିବା

ଜଣାପଡ଼ିଛି । ଯାତ୍ରାପଥ ସମ୍ପୂର୍ଣ୍ଣ ସୁରକ୍ଷିତ ହେବା ପରେ ମାତା ବୈଷ୍ଣୋଦେବୀ ଯାତ୍ରା ପୁନଃ ଆରମ୍ଭ ହେବ ବୋଲି କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି ।

## ପାକ୍-ଫ୍ଲଡ୍ ଡେଥ୍

ପାକିସ୍ତାନରେ ବନ୍ୟା ଯୋଗୁଁ ଗତ ୨୪ ଘଣ୍ଟା ମଧ୍ୟରେ ୧୭ ଜଣଙ୍କର ମୃତ୍ୟୁ ହୋଇଛି । ପଞ୍ଜାବ ପ୍ରଦେଶର ବହୁଗ୍ରାମ ଜଳମଗ୍ନ ହୋଇଛି । ସତ୍‌ଲେଜ୍, ରବି ଏବଂ ଚେନ୍ନାବ୍ ନଦୀରେ ବନ୍ୟା ଯୋଗୁଁ ସୃଷ୍ଟ ପରିସ୍ଥିତି ଦ୍ୱାରା ବହୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ବହୁ ଭିତ୍ତିଭୂମି କ୍ଷେତ୍ର କ୍ଷତିଗ୍ରସ୍ତ ହେବା ସହ ଚାଷ ଜମି ଜଳମଗ୍ନ ହୋଇଥିବା ଜଣାପଡ଼ିଛି ।

## ଇଣ୍ଡିଆ-ବାଂଲାଦେଶ

ଭାରତ ଏବଂ ବାଂଲାଦେଶ ସୀମାପାର ଅପରାଧ ପ୍ରତିହତ କରିବା, ସତର୍କତା ବୃଦ୍ଧି ଏବଂ ସମନ୍ୱିତ ପେଟ୍ରୋଲିଂ ବ୍ୟବସ୍ଥା ସହ ସୂଚନା ଆଦାନପ୍ରଦାନ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ ସହମତ ହୋଇଛନ୍ତି । ଢାକା ସ୍ଥିତ ସୀମା ସୁରକ୍ଷାବଳର ପିଲ୍‌ଖାନା ମୁଖ୍ୟାଳୟ ଠାରେ ଅନୁଷ୍ଠିତ ଦୁଇ ଦେଶର ୪ ଦିନିଆ ମହାନିର୍ଦ୍ଦେଶକ ସ୍ତରୀୟ ଆଲୋଚନା ପରେ ଏକ ମିଳିତ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି ।

ଭାରତୀୟ ସୀମାସୁରକ୍ଷା ବଳର ମହାନିର୍ଦ୍ଦେଶକ ଦଲଜିତ ସିଂହ ଚୌଧୁରୀଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରିଥିବା ବେଳେ ବାଂଲାଦେଶ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ସେଠାକାର ସୀମା ସୁରକ୍ଷା ମହାନିର୍ଦ୍ଦେଶକ ମେଜର ଜେନେରାଲ୍ ମହମ୍ମଦ ଅସରଫ୍ ଉଜ୍‌ମାନ୍ ସିଦ୍ଦିକି ନେଇଥିଲେ । ବେଆଇନ୍ ଅସ୍ତ୍ରଶସ୍ତ୍ର ଚାଲାଣ, ଅନୁପ୍ରବେଶ ଏବଂ ଆତଙ୍କବାଦ ମୁକାବିଲାରେ ସମନ୍ୱିତ ପଦକ୍ଷେପ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି । ସୀମାନ୍ତ ଅଞ୍ଚଳରେ ସାମାଜିକ ତଥା ଆର୍ଥିକ ବିକାଶ କାର୍ଯ୍ୟକ୍ରମକୁ ଗତଶୀଳ କରିବା ଏବଂ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ଦୁଇ ଦେଶର ସୁରକ୍ଷାବଳ ସହମତ ହୋଇଛନ୍ତି । ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ପ୍ରଚଳନ, ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ତାରବାଡ଼ ଦେବା ପଦକ୍ଷେପ ତଥା ଜଳଭାଗ ସୁରକ୍ଷା ପ୍ରସଙ୍ଗ ଉପରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି ।

## ବାଂଲାଦେଶ-ମୁଭ୍‌ମେଣ୍ଟ

ବାଂଲାଦେଶର ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଆଜି ପାଠପଢ଼ା ବନ୍ଦ ରହିଥିଲା । ଇଞ୍ଜିନିୟରିଂ ଅଧିକାର ଆନ୍ଦୋଳନରେ ଛାତ୍ରଛାତ୍ରୀଙ୍କର ଅଂଶଗ୍ରହଣ ତଥା ସମ୍ପୂର୍ଣ୍ଣ ବନ୍ଦ

ଢାକରା ପରିପ୍ରେକ୍ଷୀରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଢାକାରେ ଗତକାଲି ହିଂସାତ୍ମକ ଘଟଣା ପରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ସମୟରେ ପୁଲିସ୍ ପକ୍ଷରୁ ଲାଠି ଚାର୍ଜ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା କାର୍ଯ୍ୟ ବନ୍ଦ ରଖିବାକୁ ଛାତ୍ର ନେତାମାନେ ଗତକାଲି ଘୋଷଣା କରିଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପାଠପଢ଼ା କିମ୍ବା ପରୀକ୍ଷା ଅନୁଷ୍ଠିତ ହେବ ନାହିଁ ବୋଲି ଆନ୍ଦୋଳନରତ ଛାତ୍ର ନେତାମାନେ ଘୋଷଣା କରିଛନ୍ତି । ପୁଲିସ୍ ଲାଠିଚାର୍ଜ ଅଭିଯୋଗର ତଦନ୍ତ କରାଯିବ ବୋଲି ଢାକା ମେଟ୍ରୋ ପଲିଟାନ୍ ପୁଲିସ୍ କମିଶନର୍ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

## ଆଇଆଇପି-ଜୁଲାଇ

ଭାରତର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଗତ ଜୁଲାଇ ମାସରେ ୩ ଦଶମିକ୍ ୫ ପ୍ରତିଶତ ବୃଦ୍ଧି ପାଇଛି । ଶିଳ୍ପ, ଉତ୍ପାଦନ ସୂଚକାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସୂଚକାଙ୍କ ତଥ୍ୟ ଅନୁଯାୟୀ ଗତ ବର୍ଷ ଜୁଲାଇ ମାସରେ ଶିଳ୍ପ ଉତ୍ପାଦନ ୫ ପ୍ରତିଶତ ବୃଦ୍ଧି ପାଇଥିଲା । ଗତ ଜୁନ୍ ମାସରେ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୧ ଦଶମିକ୍ ୫ ପ୍ରତିଶତ ରହିଥିଲା । ତେବେ ଜୁନ୍

ମାସ ତୁଳନାରେ ଗତ ମାସରେ ଉତ୍ପାଦନ ୫ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ପାଇଥିବା ସୂଚକାଙ୍କ ପକ୍ଷରୁ ଜଣାପଡ଼ିଛି ।